## ସଂକ୍ଷେପରେ

### ପ୍ରେମିକଙ୍କ ଘର ଆଗରେ ଯୁବତୀଙ୍କ ଧାରଣା ଦ୍ୱିତୀୟ ଦିନରେ

ଗୋପାଳପୁର,୨୪।୧୧(ଡି.ଏନ.ଏ.)- ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ପଞ୍ଚମା ରଙ୍ଗୁଣି ସାହିରେ ପ୍ରେମିକଙ୍କ ଘର ସମ୍ମୁଖରେ ସ୍ତ୍ରୀ ଅଧିକାର ଦାବି କରି ଯୁବତୀଙ୍କ ଧାରଣା ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦୁଇ ଦିନ ଧରି ସମାଜିକକର୍ମୀ ପ୍ରମିଳା ତ୍ରିପାଠୀଙ୍କ ସହିତ ଧାରଣାରେ ବସି ରହିଥିବା ବେଳେ ଗୁରୁବାର ମାଣବସା ହୋଇଥିବାରୁ ସେ ଏବେ ପ୍ରେମିକଙ୍କ ଘର ସାମ୍ନାରେ ନୂଆ ଲୁଗା ପିନ୍ଧି ରୋଷେଇ କରିଥିଲେ। ନିଜକୁ ସ୍ତ୍ରୀ ବୋଲି ଦାବି କରି ବୁଧବାର ଠାରୁ ପ୍ରେମିକଙ୍କ ଘର ଆଗରେ ସେ ବସିଛନ୍ତି। ପ୍ରେମିକ ତାଙ୍କୁ ଘରକୁ ଫେରାଇ ନିଅନ୍ତୁ ବୋଲି ସେ ଜିଦ୍ ଧରିଛନ୍ତି।

### ଚିକିଟି ମହାବିଦ୍ୟାଳୟ ନାଁ ବଦଳାଇବା ପାଇଁ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର

ଚିକିଟି,୨୪।୧୧(ଡି.ଏନ.ଏ.)- ଗଞ୍ଜାମ ଜିଲା ଚିକିଟିଗଡ଼ ମହାବିଦ୍ୟାଳୟ ଏବଂ ଗୁରୁତାଲିମ କେନ୍ଦ୍ରକୁ ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀ ଦିବାକର ପଟ୍ଟନାୟକଙ୍କ ନାମରେ ନାମିତ କରିବା ପାଇଁ ଚିକିଟିଗଡ଼ ବାସିନ୍ଦା ବିଜୟ କୁମାର ପଟ୍ଟନାୟକ ସମେତ ଶତାଧିକ ଗ୍ରାମବାସୀ ଲିଖିତ ଭାବେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ଅଛି, ଓଡ଼ିଶାର ତ୍ୟାଗୀବୀର ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଦିବାକର ପଟ୍ଟନାୟକ ଏ ମାଟିର ବରପୁତ୍ର ଥିଲେ। ସେ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଦେଶସେବକ ଓ ଶ୍ରମିକନେତା ଥିଲେ। ସେ ୧୮୯୯ରେ ଜନ୍ମଗ୍ରହଣ କରିଥିଲେ। ଆଜି ପର୍ଯ୍ୟନ୍ତ କୌଣସି ଜାଗାରେ ତାଙ୍କର ସ୍ମୃତି ନାହିଁ। ସେ ସ୍ୱର୍ଗତ ଗାନ୍ଧୀ ଓ ନେହେରୁ ସୁଭାଷ ବୋଷଙ୍କ ସହ କାରାବରଣ କରିଥିଲେ। ସେ ଥିଲେ ଆଜାଦ୍ ହିନ୍ଦ ଫୌଜର ଉପସଭାପତି। ବର୍ତ୍ତମାନ ସ୍ୱାଧୀନତାର ୭୫ ବର୍ଷ ଅମୃତ ମହୋତ୍ସବ ଚାଲିଛି। ଏହି ଅବସରରେ ଆମ ଗ୍ରାମର ମହାବିଦ୍ୟାଳୟ ଓ ଗୁରୁତାଲିମ କେନ୍ଦ୍ରକୁ ତାଙ୍କ ନାମରେ ଉତ୍ସର୍ଗ କରାଯିବା ପାଇଁ ନିବେଦନ କରାଯାଇଥିବା ଜଣାପଡିଛି।

### ଲାଞ୍ଚ ଗ୍ରହଣ ମାମଲା
### ପ୍ରମାଣ ଅଭାବରୁ ୨ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୪।୧୧-ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡା. ଅରୁଣ କୁମାର ସାହୁ ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ସେ ରାୟଗଡା ଜିଲା ବିଷମକଟକ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର ତତ୍କାଳୀନ କିରାଣି ସିଏଚ. ରଘୁନାଥ ପାତ୍ର ଓ ପିଅନ ରବୀନ୍ଦ୍ର କୁମାର ମହାନ୍ତିଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ଓକିଲ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ଏହି ସୂଚନା ଦେଇଛନ୍ତି। ବିଷମକଟକ ଗଇଲକଣା ଗ୍ରାମର ଅନିରୁଦ୍ଧ ପାଟଖଣ୍ଡାଳ ଉକ୍ତ ଗ୍ରାମର ବଳରାମ ପ୍ରଧାନଙ୍କ ଏକ ଜମି କିଣିଥିଲେ। ଉକ୍ତ ଜମି କ୍ରୟ କରିବା ପାଇଁ ସେ ସବ ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଯାଇଥିଲେ। ଉକ୍ତ ଜମି ରେଜିଷ୍ଟ୍ରେଶନ ପାଇଁ କିରାଣି ରଘୁନାଥ ତାଙ୍କୁ ୩୦୦ ଟଙ୍କା ଲାଞ୍ଚ ମାଗିଥିଲେ। ପରେ ଅନିରୁଦ୍ଧ ଏନେଇ ବ୍ରହ୍ମପୁର ଭିଜିଲାନ୍ସରେ ଜଣାଇଥିଲେ। ଯୋଜନା ମୁତାବକ ୨୦୦୩ ଡିସେମ୍ବର ୧୩ରେ ଅନିରୁଦ୍ଧ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଯାଇ ୩୦୦ ଟଙ୍କା କିରାଣି ରଘୁନାଥଙ୍କୁ ଦେଇଥିଲେ। ସେ ଉକ୍ତ ଟଙ୍କା ନିକଟରେ ଥିବା ପିଅନଙ୍କୁ ରଖିବାକୁ କହିଥିଲେ। ସେଠାରେ ଥିବା ଭିଜିଲାନ୍ସ ଟିମ ଚଢାଉ କରି ଲାଞ୍ଚ ଟଙ୍କା ଜବତ କରିଥିଲା। ନଂ.୫୮/୦୩ ରେ ଭିଜିଲାନ୍ସ କିରାଣି ଓ ପିଅନଙ୍କୁ ଗିରଫ କରିଥିଲା।

# କାଜୁ ୟୁନିଟ୍ ବାହାନାରେ ବ୍ୟାଙ୍କରୁ ୨୬ଲକ୍ଷ ଠକେଇ

ବ୍ରହ୍ମପୁର ଅଫିସ,୨୪।୧୧

ଜଣେ ବ୍ୟକ୍ତି ମୁଦ୍ରା ଯୋଜନାରେ ଏକ କାଜୁ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବାକୁ ଦର୍ଶାଇ ୟୁନିୟନ୍ ବ୍ୟାଙ୍କରୁ ଦୁଇଟି ପର୍ଯ୍ୟାୟରେ ୨୬ଲକ୍ଷର ଋଣ ଉଠାଇ ପରିଶୋଧ କରି ନ ଥିଲେ। ବ୍ୟାଙ୍କ ପକ୍ଷରୁ ଯାଞ୍ଚ କରିବାରୁ ସେ କୌଣସି ୟୁନିଟ୍ କରିନଥିବା ଜଣାପଡ଼ିଥିଲା। ଫଳରେ ବ୍ୟାଙ୍କ ମ୍ୟାନେଜର ସେହି ବ୍ୟକ୍ତିଙ୍କ ବିରୋଧରେ ବଡ଼ବଜାର ଥାନାରେ ଠକେଇ ଅଭିଯୋଗ କରିଛନ୍ତି। ପୋଲିସ ୩୨୧/୨୨ରେ ଏକ ମାମଲା ରୁଜୁ କରି ଘଟଣାର ଖୋଳତାଡ କରୁଛି। ୟୁନିୟନ୍ ବ୍ୟାଙ୍କ ଅଫ ଇଣ୍ଡିଆ, ବ୍ରହ୍ମପୁର ନୀଳକଣ୍ଠନଗର ଶାଖା ପରିଚାଳକ ରାମଚନ୍ଦ୍ର ଆଚାର୍ଯ୍ୟ ଥାନାରେ କରିଥିବା ଅଭିଯୋଗ ମୁତାବକ, ଇଞ୍ଜିନିୟରିଂ ସ୍କୁଲ ଛକ ନିକଟରେ ରହୁଥିବା ଶିବରାମ ବେହେରା ନାମକ ଜଣେ ବ୍ୟକ୍ତି କାଜୁ ପ୍ରକ୍ରିୟାକରଣ ୟୁନିଟ୍ ଖୋଲି ବ୍ୟବସାୟ କରିବା ପାଇଁ ବ୍ୟାଙ୍କରୁ ଋଣ ଆବେଦନ କରିଥିଲା। ୨୦୧୭ ମେ ୩୦ରେ ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ବ୍ୟାଙ୍କ ତା'ଙ୍କୁ ୯ଲକ୍ଷ ଟଙ୍କାର ଋଣ ମଞ୍ଜୁର କରିଥିଲା। ୩୯ନଂ ୱାର୍ଡ଼ ଅନ୍ତର୍ଗତ ଅଳକାପୁରୀ ୮ମ ଗଳିରେ ତାଙ୍କ ପତ୍ନୀ ରଜନୀ ବେହେରାଙ୍କ ନାମରେ ଥିବା ଏକ ଘର ବନ୍ଧକ ରଖିଥିଲେ। ଏହାପରେ ପୁଣି ସେହିବର୍ଷ ସେପ୍ଟେମ୍ବର ୧୪ରେ ସେହିଘରକୁ ବନ୍ଧକ ରଖି ୧୭ଲକ୍ଷ ଟଙ୍କାର ଏକ ଗୃହ ଋଣ, କିନ୍ତୁ ଋଣ ଟଙ୍କା ଫେରାଇ ନ ଥିଲେ। ପ୍ରଥମେ ନେଇଥିବା ୧୭ଲକ୍ଷ ଟଙ୍କାରୁ ୧୦ଲକ୍ଷ ବିଭିନ୍ନ ଆକାଉଣ୍ଟକୁ ପଠାଇ(ଟ୍ରାନ୍ସଫର୍) ଅବଶିଷ୍ଟ ଉଠାଣ(ଉଇଥ୍ଡ୍ର) କରିଥିଲା। ଗୁପ୍ତେଶ୍ୱର ପଟ୍ଟନାୟକ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ୪ଲକ୍ଷ ଟଙ୍କାର ଚେକ୍ ଉଠାଣ ହୋଇଥିଲା। ତେଣୁ ପ୍ରକଳ୍ପ ନାଁରେ ସେ ବ୍ୟାଙ୍କରୁ ୨୬ଲକ୍ଷ ଟଙ୍କା ଠକିଥିବା ଜଣାପଡ଼ିଥିଲା। ତେଣୁ ତାଙ୍କ ବିରୋଧରେ ବ୍ୟାଙ୍କ ମ୍ୟାନେଜର ଥାନାରେ ଏତଲା ଦେଇଥିଲେ।

## ଆଣ୍ଟିରାଗିଂ ସେଲ୍‌ର କାର୍ଯ୍ୟକାରିତା ସମୀକ୍ଷା

ବ୍ରହ୍ମପୁର ଅଫିସ,୨୪।୧୧

ବ୍ରହ୍ମପୁର ସହରରେ ଥିବା ବିଭିନ୍ନ ଘରୋଇ ଓ ସରକାରୀ ମହାବିଦ୍ୟାଳୟରେ ନିମୟିତ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ରେଗିଂ ଓ ଅସଦାଚରଣ ଘଟଣା ସାମ୍ନାକୁ ଆସିଥିଲା। ଗୁରୁବାର ବ୍ରହ୍ମପୁର ଏସ୍‌ଡ଼ିପିଓ ରାଜୀବ ଲୋଚନ ପଣ୍ଡା ଓ ଟାଉନ ଥାନା ଅଧିକାରୀ ସୁରେଶ ତ୍ରିପାଠୀ ଟାଉନ ଥାନା ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଥିଲେ। ଟାଉନଥାନା ଅଧିନସ୍ଥ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ମହାମାୟୀ ମହିଳା ମହାବିଦ୍ୟାଳୟ, ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ ପରିଦର୍ଶନ କରି ଟାଉନଥାନା ଅଧିକାରୀ ଓ ଡ଼ିଏସପି ମହାବିଦ୍ୟାଳୟ ଅଧକ୍ଷ ଏବଂ ଶିକ୍ଷାନୁଷ୍ଠାନ ଆଣ୍ଟରାଗଂ ସେଲ ସଂଯୋଜକ, ସଦସ୍ୟ ଓ ଛାତ୍ରୀ ମାନଙ୍କ ସହ ରେଗିଂ ସମ୍ପର୍କରେ ଆଲୋଚନା କରିଥିଲେ।


ଶଶିଭୂଷର ରଥ ସରକାରୀ ମହିଳା ମହାବିଦ୍ୟାଳୟରେ ଅଧକ୍ଷ, ଆଣ୍ଟିରାଗିଂ ସେଲ ଓ ଛାତ୍ରୀଙ୍କ ସହ ପୋଲିସର ଆଲୋଚନା।

## ବିଭିନ୍ନ କଲେଜ ଅଧ୍ୟକ୍ଷଙ୍କ ସହ ନାକ୍ ଟିମ୍‌ର ଆଲୋଚନା

ବ୍ରହ୍ମପୁର ଅଫିସ,୨୪।୧୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଗସ୍ତରେ ଥିବା ୫ ଜଣିଆ ନାକ ଟିମ୍ ସଦସ୍ୟ ଦ୍ୱିତୀୟ ଦିବସରେ ପୂର୍ବାହ୍ନ ୯ଟାରେ ଗୋଳାବନ୍ଧ ସ୍ଥିତ ଆର୍ମି ଏୟାର ଡ଼ିଫେନ୍ସ କଲେଜ ପରିଦର୍ଶନରେ ଯାଇଥିଲେ। ସେଠାରୁ ପ୍ରତ୍ୟାବର୍ତ୍ତନ ପରେ ଭଞ୍ଜ ବିହାର ସ୍ଥିତ ଦକ୍ଷିଣ ଓଡ଼ିଶା ସଂସ୍କୃତି ଓ ଗବେଷଣା କେନ୍ଦ୍ର, ଆଇକ୍ୟୁଏସି ସେଲ, ପ୍ରଶାସନିକ କୋଠା ଓ ରେଜିଷ୍ଟ୍ରରଙ୍କ କାର୍ଯ୍ୟାଳୟ, ଆରପି ପାଢ଼ୀ ପାଠାଗାରା, କ୍ରୀଡ଼ା ସାଂସଦ, ବାୟୋଡ଼ାଇଭରସିଟି ପାର୍କ,ବ୍ୟାଙ୍କ, ଓଷଧୀୟ ବଗିଚା, ବର୍ଷାଜଳ ସଂରକ୍ଷଣ ଏକକ, କମ୍ପ୍ୟୁଟର ସେଣ୍ଟର, ଖେଳପଡ଼ିଆ, ଡ଼େ-କେୟାର ସେଣ୍ଟର, ଏନଏସଏସ ବ୍ୟୁରୋ, ୟୁନିଭରସିଟି ହାଇସ୍କୁଲ, ନର୍ସରୀ, କେଣ୍ଟିନ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପରିଦର୍ଶନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସିନେଟ ହଲଠାରେ ପୁରାତନ ଛାତ୍ର ସଂସଦ ସହ ବୈଠକ ଅନୁଷ୍ଠିତ ହୋଇଥିଲା। ନୂତନ କନଫରେନ୍ସ ହଲଠାରେ ଛାତ୍ର ଓ ଅଭିଭାବକ, ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସହ ସିଣ୍ଡିକେଟ ଗୃହଠାରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ପରୀକ୍ଷା ନିୟନ୍ତ୍ରକଙ୍କ କାର୍ଯ୍ୟାଳୟ, ଫାଇନାନ୍ସ ଓ ଆକାଉଣ୍ଟସ୍ ବିଭାଗ ପରିଦର୍ଶନ କରିଥିଲେ। ଏହି ସମୟରେ ନାକ ଟିମ୍ ସହ ବିଶ୍ୱବିଦ୍ୟାଳୟ ପକ୍ଷରୁ ନାକ ସଂଯୋଜକ ତଥା କମ୍ପ୍ୟୁଟର ସାଇନ୍ସ ବିଭାଗର ଡ଼.ମାନସ ପାତ୍ର, ଆଇକ୍ୟୁଏସି ସେଲ ସଂଯୋଜକ ଡ଼. ସୁଧାକର ପାତ୍ର, ବିଶ୍ୱବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ସଂଯୋଜକ ପ୍ରଫେସର ଲକ୍ଷ୍ମୀଧର ପାତ୍ର ଉପସ୍ଥିତ ରହିଥିଲେ।

## ଅନ୍ତର୍ଜାତୀୟ ମହିଳା ହିଂସା ମୁକ୍ତ ସମାଜ ଗଠନ କାର୍ଯ୍ୟକ୍ରମର ଶୁଭାରମ୍ଭ

ବ୍ରହ୍ମପୁର ଅଫିସ,୨୪।୧୧

ଆଇଏସ୍‌ଆରଡ଼ି, ୱାନ ଷ୍ଟପ ସେଣ୍ଟର(ସଖୀ) ବ୍ରହ୍ମପୁର ତରଫରୁ ଗୁରୁବାର ୧୫ ଦିନିଆ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଅତିଥି ଶୁଭଶ୍ରୀ ପାତ୍ର ଜିଲା ସମାଜ ମଙ୍ଗଳ ଅଧିକାରୀ ଏହାକୁ ଶୁଭାରମ୍ଭ କରିଥିଲେ। ସେ ମହିଳା ହିଂସା ମୁକ୍ତ ସମାଜ ଗଠନ ଉପରେ କହିଥିଲେ। ଆମେ ସମସ୍ତେ ମିଳିତ ଭାବେ କାମ କରିବା ସହିତ ନାରୀଙ୍କ ପ୍ରତି ହେଉଥିବା ହିଂସା ବିରୋଧରେ ସ୍ୱର ଉତ୍ତୋଳନ କରି ହିଂସାକୁ ବନ୍ଦ କରିବା ଆବଶ୍ୟକ ବୋଲି ସେ କହିବା ସହ ସମସ୍ତେ ଏନେଇ ଶପଥ କରିବାକୁ କହିଥିଲେ। ସ୍ଥାନୀୟ ମୁନିସିପାଲିଟି ମହିଳା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ବେହେରା, ଆବାସିକ ପରିଚାଳିକା ପୁଷ୍ପାଞ୍ଜଳି ବେହେରା, କୋର୍ପୋରେଟର ପଦ୍ମିନୀ ମିଶ୍ର, ସମନ୍ୱିତ ଶିଶୁ ପ୍ରକଳ୍ପ ବିକାଶ ଅଧିକାରିଣୀ, ବ୍ରହ୍ମପୁର - ୨ ଅବିଦା ପରୱିନ, ପରିଦର୍ଶୀକା ଭବାନୀ ବେହେରା ଏବଂ ଉକ୍ତ ବିଦ୍ୟାଳୟର ଛାତ୍ରୀଙ୍କ ସହ ନିକଟସ୍ଥ ବସ୍ତିର ବାଳିକାମାନେ ଉପସ୍ଥିତ ଥିଲେ। ୱାନ ଷ୍ଟପ ସେଣ୍ଟର (ସଖୀ) ପରିଚାଳିକା ମହେଶ୍ୱତା ପାଢୀ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଆଇଏସଆରଡ଼ି ନିର୍ଦ୍ଦେଶକ ସୁଧୀର ସାବତ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆଗକୁ ବଢାଇଥିଲେ। ଜିଲା ମହିଳା ସୁରକ୍ଷା ଅଧିକାରୀ ସଂଗୀତା ପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## ବ୍ରହ୍ମପୁରରେ ୨ ଦିନ ରହିବା ପାଇଁ ରମେଶ ଜେନାଙ୍କୁ ଅନୁମତି

ବ୍ରହ୍ମପୁର ଅଫିସ,୨୪।୧୧

ଗଞ୍ଜାମ ଜିଲା ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କୁ ବ୍ରହ୍ମପୁରରେ ଦୁଇଦିନ ରହିବାକୁ କୋର୍ଟ ଅନୁମତି ଦେଇଛନ୍ତି। କୋର୍ଟ ବିନା ଅନୁମତିରେ ବ୍ରହ୍ମପୁର ପ୍ରବେଶ ନିମନ୍ତେ ବିଧାୟକ ରମେଶ ଜେନାଙ୍କ ପାଇଁ ପୂର୍ବରୁ କଟକଣା ରହିଛି। ଆସନ୍ତା ମାସରେ ତାଙ୍କର ଦୁଇଟି ମାମଲାର ବିଚାର ପାଇଁ କୋର୍ଟରେ ହାଜର ହେବାର ଅଛି। ଗୁରୁବାର ରମେଶଙ୍କ ଓକିଲ କିଶୋର ବିଷୋୟୀ, ନିର୍ମଳ ସାହୁ ଓ ସରୋଜ ଗୌଡ଼ ଏଡିଜେ -୩ କୋର୍ଟରେ ଆବେଦନ କରିଥିଲେ। ଏଡିଜେ -୩ ଡା. ଇନ୍ଦୁ ଶର୍ମା ଗୁରୁବାର ଏହାର ଶୁଣାଣି କରିଥିଲେ। ଡିସେମ୍ବର ୧ ଓ ୨ ଉକ୍ତ ଦୁଇ ଦିନ ବିଧାୟକ ରମେଶଙ୍କୁ ବ୍ରହ୍ମପୁରରେ ରହିବାକୁ ଜଜ୍ ଅନୁମତି ଦେଇଥିବା ତାଙ୍କ ଓକିଲ ସୂଚନା ଦେଇଛନ୍ତି।

ପ୍ରକାଶ ଯେ,ବିଧାୟକ ଓ ଏମ୍‌ପିଙ୍କ ମାମଲାଗୁଡିକର ପରିଚାଳନା ପାଇଁ ବ୍ରହ୍ମପୁରରେ ଏକ ସ୍ୱତନ୍ତ୍ର କୋର୍ଟ ରହିଛି। ଉକ୍ତ କୋର୍ଟରେ ଗତ ୬ମାସ ହେଲା ଜଜ୍ ନ ଥିବାରୁ ମାମଲାଗୁଡିକ ପରିଚାଳନାରେ ବିଳମ୍ବ ଘଟୁଥିଲା। ବର୍ତ୍ତମାନ ଉକ୍ତ କୋର୍ଟ ପାଇଁ ଡା. ଇନ୍ଦୁ ଶର୍ମା ଜଜ୍ ଭାବେ ଯୋଗଦାନ ପରେ ଏହାର ପରିଚାଳନା ଆରମ୍ଭ ହୋଇଛି। ବିଧାୟକ ରମେଶଙ୍କ ନାମରେ ଥିବା ଦୁଇଟି ମାମଲାର ବିଚାର ପାଇଁ ଡିସେମ୍ବର ୧ ଓ ୨ ଦିନ କୋର୍ଟ ଦିନ ଧାର୍ଯ୍ୟ କରିଥିଲା। ଏଣୁ ବିଧାୟକ ରମେଶ କୋର୍ଟରେ ହାଜର ପାଇଁ ତାଙ୍କ ଓକିଲଙ୍କ ଜରିଆରେ କୋର୍ଟର ଅନୁମତି ପାଇଁ ଆବେଦନ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ଅଞ୍ଜୁ


@ ସୁନୀଲ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### କୁମାର ପୂର୍ଣ୍ଣିମାରୁ ନିଖୋଜ ଥିଲେ ଠିକାଦାର
## ମୃତଦେହ ଚିହ୍ନଟ ପରେ ହତ୍ୟା ମାମଲା ରୁଜୁ

ବ୍ରହ୍ମପୁର ଅଫିସ,୨୪।୧୧

ବ୍ରହ୍ମପୁର ସଦର ଥାନା ପୋଲିସ ଗତ ଅକ୍ଟୋବର ୧୦ରେ ନାଳିହାଡ ଗ୍ରାମର ଏକ ପୋଖରୀରୁ ମୃତଦେହ ଜବତ କରିଥିଲା। ମୃତକଙ୍କ ପରିଚୟ ମିଳି ନ ଥିଲା। ଅନ୍ୟପଟେ ହିଞ୍ଜିଳିକାଟୁ ବ୍ଲକ କଲୋନୀରେ ରହୁଥିବା ଜଣେ ଠିକାଦାର ଗତ କୁମାରପୂର୍ଣ୍ଣିମାଠାରୁ ନିଖୋଜ ଥିବା ନେଇ କବିସୂର୍ଯ୍ୟନଗର ଥାନାରେ ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ପୁଅ ଦୀର୍ଘଦିନ ଧରି ନିଖୋଜ ଥିବା ବେଳେ ପରିବାର ଲୋକେ ଚିନ୍ତିତ ଥିଲେ। ଶେଷରେ ହିଞ୍ଜିଳିକାଟୁର କୁମାରୀ ମହାରଣା, ତାଙ୍କ ଭଉଣୀ ଆରତୀ ମହାରଣା ସଦର ଥାନାରେ ପହଞ୍ଚିଥିଲେ। ପୋଲିସ ଜବତ କରିଥିବା ମୃତଦେହ ୪ଦିନ ଏମ୍‌କେସିଜିରେ ସଂରକ୍ଷଣ କକ୍ଷରେ ରଖିବା ପରେ ତାକୁ ପୋତି ଦେଇଥିଲା। ଥାନାରେ ଥିବା କିଛି ଫଟୋ ଓ ଘଟଣାସ୍ଥଳରୁ ଜବତ ହୋଇଥିବା ଏକ ବାଇକ୍‌କୁ ପୋଲିସ ଆରତୀ ମହାରଣାଙ୍କୁ ଦେଖାଇଥିଲା। ଉକ୍ତ ଫଟୋ ଓ ଘଟଣାସ୍ଥଳରୁ ମିଳିଥିବା ଏକ ବାଇକ୍ ନମ୍ବରରୁ ନିଜ ଭାଇ ସଚିନ ମହାରଣାଙ୍କର ବୋଲି ସେ ଓ ତାଙ୍କ ମା' ଚିହ୍ନଟ କରିଥିଲେ। ଅକ୍ଟୋବର ୯ରେ ସଚିନ ଶେଷଥର ପାଇଁ ଘରକୁ ଫୋନ କରି କହିଥିଲେ, ମୋ ପାଖରେ ୬୦ ହଜାର ଟଙ୍କା ଅଛି, ମୁଁ ଘରକୁ ଆସିଲେ ଉକ୍ତ ଟଙ୍କା ମା'ଙ୍କୁ ଦେବି। ହେଲେ ସନ୍ଧ୍ୟାରେ ଘର ଲୋକ ସଚିନଙ୍କ ମୋବାଇଲକୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ତାହା ସୁଇଚ ଅଫ ରହିଥିଲା। ସେବେଠାରୁ ସେ ନିଖୋଜ ଥିଲେ। ଏଣୁ ସଚିନଙ୍କୁ କେହି ହତ୍ୟା କରିଥିବା ନେଇ ପରିବାର ଲୋକ ଅଭିଯୋଗ କରିଥିଲେ। ମୃତକଙ୍କ ମା' କୁମାରୀଙ୍କ ଅଭିଯୋଗକ୍ରମେ ହତ୍ୟା ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

## ବ୍ରହ୍ମପୁର ହ୍ୟାଣ୍ଡବଲ ଟିମ୍‌ର ପୁରୀ ଗସ୍ତ


ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଚୟନ ହୋଇଥିବା ବାଳକ ଓ ବାଳିକା ହ୍ୟାଣ୍ଡବଲ ଟିମ୍

ବ୍ରହ୍ମପୁର,୨୪।୧୧

ନଭେମ୍ବର ୨୬ ଓ ୨୭ ଦୁଇ ଦିନ ବ୍ୟାପୀ ପୁରୀ ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡ଼ିୟମ୍‌ଠାରେ ରାଜ୍ୟସ୍ତରୀୟ ୨୮ତମ ଜୁନିୟର ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଶୁକ୍ରବାର ଗଞ୍ଜାମ ହ୍ୟାଣ୍ଡବଲ ସଂଘ ପକ୍ଷରୁ ୧୬ ଜଣିଆ ବାଳକ ଓ ୧୨ ଜଣିଆ ବାଳିକା ହ୍ୟାଣ୍ଡବଲ ଟିମ୍ ପୁରୀ ଅଭିମୁଖେ ଯାତ୍ରା କରିବେ। ସୂଚନାଯୋଗ୍ୟ ଯେ,ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ନିମନ୍ତେ ପୂର୍ବରୁ ଗଞ୍ଜାମ ଜିଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆଠାରେ ଜିଲାସ୍ତରୀୟ ପ୍ରଶିକ୍ଷଣ ଶିବରରେ ଗତ ୧୫ ଦିନଧରି ୫୦ ଜଣ ବାଳିକା ଓ ବାଳକଙ୍କୁ ହ୍ୟାଣ୍ଡବଲ ତାଲିମ ଦିଆଯାଉଥିଲା। ପ୍ରଶିକ୍ଷଣ ଶିବିରରେ ଜାତୀୟସ୍ତରୀୟ କୋଚ ପ୍ରଶାନ୍ତ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡ଼ାବିତ୍‌ମାନେ ହ୍ୟାଣ୍ଡବଲ ତାଲିମ ଗ୍ରହଣ କରିଆସୁଥିଲେ। ବାଳକ ଓ ବାଳିକା କ୍ରୀଡ଼ାବିତ୍‌ଙ୍କ ସମେତ ମ୍ୟାନେଜର ଭାବେ ଅଜିକ କୁମାର ପ୍ରଧାନ, କୋଚ ଅବିନାଶ ମେଦି, ସେହିପରି ବାଳିକା ଦଳର ମ୍ୟାନେଜର ଭାବେ ପ୍ରମୋଦ ପଟ୍ଟନାୟକ, କୋଚ ଅରବିନ୍ଦ ବେହେରା କ୍ରୀଡ଼ାବିତ୍‌ଙ୍କ ସହ ପୁରୀ ଗସ୍ତ କରିବେ। ପ୍ରତିଯୋଗିତା ନିମନ୍ତେ ଚୟନ ହୋଇଥିବା କ୍ରୀଡ଼ାବିତ୍‌ଙ୍କୁ ଗୁରୁବାର ଜିଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ସଭାପତି ବିକ୍ରମ କୁମାର ପଣ୍ଡା, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବ ଭଳି ରାଜ୍ୟସ୍ତରରେ ଶ୍ରେଷ୍ଠ ପ୍ରଦର୍ଶନ ନିମନ୍ତେ ଉତ୍ସାହିତ କରିଛନ୍ତି।

## ତାଗିଦ ସତ୍ତ୍ୱେ ଶୁଣିଲେନି ବିଏମ୍‌ସି, ଗାଡ଼ି ଚାଳକ

କୁକୁଡାଖଣ୍ଡି,୨୪।୧୧

କୁକୁଡାଖଣ୍ଡି ବ୍ଲକ ଲାଠି ଗ୍ରାମରେ ବାରମ୍ବାର ତାଗିଦ୍ ସତ୍ତ୍ୱେ ଶୁଣିଲେନି ବିଏମ୍‌ସି କିମ୍ବା ଗାଡ଼ି ଚାଳକ। ରାସ୍ତାରେ ଆବର୍ଜନା ପକାଇ ପକାଇ ନେଉଥିବା ଟ୍ରାକ୍ଟରକୁ ଅଟକ ରଖିଲେ ଗ୍ରାମବାସୀ। ମହାନଗର ନିଗମର ଅଳିଆ ଆବର୍ଜନା ୫ଟି ଗାଡିକୁ ମୋହଡା ରାସ୍ତାରେ ଅଟକ ରଖିଥିଲେ। ସେଥିରୁ ୪ଟି ଗାଡି ବିଏମ୍‌ସିର ହୋଇଥିବା ବେଳେ ଗୋଟିଏ ବେସରକାରୀ ଯନ୍ତା ନାମକ ସଂସ୍ଥାର ରହିଥିଲା। ଏହି ରାସ୍ତା ଦେଇ ପ୍ରତିଦିନ ବହୁ ଅଳିଆ ଆବର୍ଜନା ଗାଡି ଯାତାୟାତ କରୁଛି। ରାସ୍ତାଟି ସ୍କୁଲକୁ ସଂଯୋଗ ହୋଇଥିବାରୁ ଛାତ୍ରୀଛାତ୍ର ଯିବା ସମୟରେ ବିଭିନ୍ନ ଦୁର୍ଗନ୍ଧର ଶିକାର ହେବା ସହ ଗହଳି ହେବାରେ ଲାଗିଛି। ଯାହା ଦ୍ୱାରା ପିଲାମାନଙ୍କ ଏବଂ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ସମସ୍ୟା ବଢୁଛି। ଗାଡି ଚାଳକଙ୍କ ଅସାବଧାନତା ଯୋଗୁ ରାସ୍ତାରେ ଅଳିଆ ଆବର୍ଜନା ପଡି ଦୁର୍ଗନ୍ଧ ହେଉଛି। ଏନେଇ ବିଏମ୍‌ସିରେ ବାରମ୍ବାର ଲିଖିତ ଅଭିଯୋଗ କରିବା ସତ୍ତ୍ୱେ ମଧ ପଦକ୍ଷେପ ନେଉନଥିବାରୁ ଗୁରୁବାର ଗ୍ରାମବାସୀ ଆବର୍ଜନା ଗାଡିକୁ ଅଟକ ରଖିଥିଲେ। ସମାଧାନ ପରେ ଗାଡ଼ି ଛଡାଯିବ ବୋଲି ସ୍ଥାନୀୟ ସରପଞ୍ଚ ରାଧାମୋହନ ସେଠୀ କହିଥିଲେ। ବିଏମ୍‌ସି କର୍ତ୍ତୃପକ୍ଷ ଏବଂ ଠିକା ସଂସ୍ଥା କର୍ତ୍ତୃପକ୍ଷ ଲୋକମାନଙ୍କୁ ବୁଝାଶୁଝା କରିବା ସହ ଗ୍ରାମବାସୀଙ୍କ ଦାବିକୁ ସମାଧାନ କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମବାସୀଙ୍କ ଦାବିଗୁଡିକ ହେଲା ଅଳିଆ ଆବର୍ଜନା ଗାଡିର ଓଭର ଲୋଡ଼ ହେବ ନାହିଁ, ନେଟ ପ୍ରୋସେସ ରହିବ, ଗାଡିର ସ୍ପିଡ଼ ୨୦ ରୁ ଅଧିକ ହେବନି, ଯଦି କିଛି


ଅଟକ ରଖାଯାଇଥିବା ଗାଡି।

**ଅଳିଆ ଆବର୍ଜନା ଗାଡି ଅଟକ**

ଅଳିଆ ଆବର୍ଜନା ପଡେ ସଙ୍ଗେ ସଙ୍ଗେ ବିଏମ୍‌ସି କର୍ମଚାରୀ ସଫା କରିବ, ଟାଇମ୍ ପ୍ରୋସେସ ହେବ ସକାଳ ୯ ରୁ ୧୧ଟା ପର୍ଯ୍ୟନ୍ତ ଏହି ରାସ୍ତାରେ ଆବର୍ଜନା ଗାଡି ଯିବ ନାହିଁ ଓ ଅଳିଆ ଆବର୍ଜନା ପକାଉଥିବା କୋରେଇଶୁଣି ମନ୍ଦିର ପାଖରେ ଗୋଟାଏ ସାଇନ ବୋର୍ଡ ଲାଗିବ। ଉପରୋକ୍ତ ସମସ୍ତ ଦାବିକୁ ସମାଧାନ କରିବୁ ବୋଲି ଲିଖିତ ଉଭୟ ବିଏମ୍‌ସି ଏବଂ ଠିକା ସଂସ୍ଥାର କର୍ତ୍ତୃପକ୍ଷ ଲାଠି ପଞ୍ଚାୟତରେ ଏକ ପତ୍ର ଦେଇଥିଲେ। ସ୍ଥାନୀୟ ସରପଞ୍ଚ ସେଠୀ, ସମିତିସଭ୍ୟ ଜଗନ୍ନାଥ ଭୂୟାଁ, ଆଇନଜୀବୀ ଅରୁଣ କୁମାର ସ୍ୱାଇଁ, ମୋହଡା ସରପଞ୍ଚ ପ୍ରତିନିଧି ସଞ୍ଜୟ ସାହୁ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

